ଭାରତ ସଂଘ ଏବଂ ଅନ୍ୟମାନେ

*ବନାମ*

ଏସ୍. ଜେ. ଥାନାୱାଲା ଏବଂ ଅନ୍ୟଜଣେ

26 ଫେବୃଆରୀ, 1996

[କେ. ରାମସ୍ୱାମୀ ଏବଂ ଜି. ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ଲାଇସେନ୍ସ - ଅନୁଦାନ ଏବଂ ନବୀକରଣ - ଲବଣ କାରଖାନା - ସମ୍ପତ୍ତି ପ୍ରତି ଉଭୟ ସରକାର ଏବଂ ଉତ୍ତରଦାତାମାନଙ୍କର ମାଲିକାନା ଦାବି - ସମ୍ପତ୍ତିର ମାଲିକାନା କିମ୍ବା ଦଖଲ ମିଆଦି ଅନୁମତି ପତ୍ର ଅଧୀନରେ ମାଲିକାନା ପୂର୍ବ ଦୃଷ୍ଟାନ୍ତ ସର୍ତ୍ତ ଅଟେ - ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବରେ ସ୍ୱତ୍ୱର ପ୍ରଶ୍ନକୁ ଯାଇନାହାନ୍ତି ଏବଂ ଅପିଲୀୟ ନ୍ୟାୟାଧିକରଣର ନିର୍ଣ୍ଣୟ ଗ୍ରହଣ କରିବାକୁ ପକ୍ଷମାନଙ୍କ ଉପରେ ନ୍ୟସ୍ତ କରିଛନ୍ତି - ମାମଲାର ତଥ୍ୟଗୁଡ଼ିକ ସମ୍ବନ୍ଧରେ ଉଚ୍ଚ ନ୍ୟାୟାଳୟଙ୍କ ମତାମତ ଯଥାର୍ଥ ଅଟେ - ତଥାପି ଏହା ଅପିଲର ନିଷ୍କର୍ଷ ଉପରେ ନିର୍ଭର କରିବ - ସେପର୍ଯ୍ୟନ୍ତ ଉଚ୍ଚ ନ୍ୟାୟାଳୟ ଦ୍ୱାରା ପାରିତ ମଧ୍ୟବର୍ତ୍ତୀକାଳୀନ ଆଦେଶ ଜାରି ରହିବ*

ଦେୱାନୀ ଆବେଦନ ଅଧିକାରିତା: ଦେୱାନୀ ଆବେଦନ ସଂଖ୍ୟା 4387/1996

ଆଜ୍ଞାଦେଶ ଆବେଦନ ସଂଖ୍ୟା 2333/1983 ରେ ବମ୍ବେ ଉଚ୍ଚ ନ୍ୟାୟାଳୟର 29.7.1991 ତାରିଖର ରାୟ ଏବଂ ଆଦେଶରୁ ।

ଆବେଦନକାରୀମାନଙ୍କ ପକ୍ଷରୁ ଅତିରିକ୍ତ ମହାନ୍ୟାୟାଭିକର୍ତ୍ତା ଏ. ଏନ୍. ଜୟରାମ, ଏ. ଡି. ଏନ୍. ରାଓ, ସୁଶ୍ରୀ ସୁଷମା ସୁରୀ ଏବଂ ଡି. ଏସ୍. ମେହେରା ।

ଉତ୍ତରଦାତାମାନଙ୍କ ପକ୍ଷରୁ ଅଶୋକ ଏଚ. ଦେଶାଇ, କେ. ମାଧବ ରେଡ୍ଡୀ କ୍ରିଷନ ମହାଜନ, ଅରବିନ୍ଦ କୁମାର ଶର୍ମା, ପି. ଏଚ. ପାରେଖ, ଡା. ଆର. ବି. ମାସୋଦକର, କେ. ଏଲ. ତନେଜା ଏବଂ ଏ. ଏମ. ଖାନୱିଲାର ।

ନ୍ୟାୟାଳୟର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ଅନୁମତି ପ୍ରଦାନ କରାଗଲା ।

ଆଜ୍ଞାଦେଶ ଆବେଦନ ସଂଖ୍ୟା 2333/83 ରେ 29 ଜୁଲାଇ, 1991 ତାରିଖରେ ବମ୍ବେ ଉଚ୍ଚ ନ୍ୟାୟାଳୟର ଦୁଇ ଜଣିଆ ବିଚାରପତିଙ୍କ ବିଚାରପୀଠର ଆଦେଶରୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଉତ୍ପନ୍ନ ହୋଇଛି । ସ୍ୱୀକାରଯୋଗ୍ୟ ସ୍ଥିତି ହେଉଛି ଯେ ଜଣେ ହନୁମାନବକ୍ସ ବମ୍ବେରେ ଲବଣ ବ୍ୟବସାୟ ଚଳାଉଥିଲେ । 1 ଜୁଲାଇ, 1983 ତାରିଖରେ ନବୀକରଣ କରାଯିବାକୁ ଥିବା ଦଖଲ ମିଆଦ ଆଧାରରେ ଏହା ଭାଣ୍ଡୁପ ମଣ୍ଡଳରେ 138 ଏକର, 17 ଗୁଣ୍ଠ ଏବଂ ସମୁଦ୍ରତଳ ଆଦି ଜମିରେ ଲବଣ କାରଖାନା ପ୍ରତିଷ୍ଠା କରିଥିଲେ । ଯେତେବେଳେ ଆବେଦନକାରୀମାନଙ୍କ ଦ୍ୱାରା 30 ଜୁନ୍, 1983 ରେ ଏକ ଅଧିସୂଚନା ଜାରି କରାଯାଇଥିଲା ଯେଉଁଥିରେ ଲାଇସେନ୍ସଧାରୀମାନଙ୍କୁ ଏକ ଅଚଳ ଦଖଲ ମିଆଦି ଅନୁମତି ପତ୍ର କାର୍ଯ୍ୟକାରୀ କରିବାକୁ ଆହ୍ୱାନ କରାଯାଇଥିଲା, ସେମାନେ ଆବେଦନକାରୀମାନଙ୍କ ସ୍ୱତ୍ୱକୁ ସ୍ୱୀକାର କରି ଉପରୋକ୍ତ ଆଜ୍ଞାଦେଶ ଆବେଦନରେ କାର୍ଯ୍ୟାନୁଷ୍ଠାନକୁ ବିରୋଧ କରିଥିଲେ । ଉକ୍ତ ଆକ୍ଷେପିତ ଆଦେଶରେ ଉଚ୍ଚ ନ୍ୟାୟାଳୟ ଦର୍ଶାଇଥିଲେ ଯେ ଉତ୍ତରଦାତାମାନେ ସମ୍ପତ୍ତିର ମାଲିକ ଅଟନ୍ତି କି ନା ପଟ୍ଟାଧାରୀ ସମ୍ପତ୍ତିର ମାଲିକ ଅଟନ୍ତି ଏବଂ ଫଳସ୍ୱରୂପ ସରକାର ଲାଇସେନ୍ସଧାରୀମାନଙ୍କୁ ସେମାନଙ୍କ ସ୍ୱତ୍ୱ ସ୍ୱୀକାର କରିବାକୁ ବାଧ୍ୟ କରିପାରିବେ କି ତାହା ନ୍ୟାୟିକ ପ୍ରସଙ୍ଗ ଅଟେ । ଯେହେତୁ ଜିଲ୍ଲାପାଳ ପୂର୍ବରୁ ନିଷ୍ପତ୍ତି ନେଇସାରିଥିଲେ ଯେ ଉତ୍ତରଦାତାଙ୍କ ପାଖରେ ସମ୍ପତ୍ତିର ମାଲିକାନା ରହିଛି, ଯାହା ଏକ ବୈଧ ଲାଇସେନ୍ସ ମଞ୍ଜୁରୀ ପାଇଁ ଏକ ସର୍ତ୍ତ ଅଟେ, ଲାଇସେନ୍ସ ନବୀକରଣ ପାଇଁ ସମସ୍ତ ଆବଶ୍ୟକୀୟ ସର୍ତ୍ତ ପାଳନ କରାଯାଇଥିଲେ ଲାଇସେନ୍ସଗୁଡ଼ିକର ନବୀକରଣ ଉପରେ ବିଚାର କରିବା ସରକାରଙ୍କ ଦାୟିତ୍ୱ ହେବ । ଆମକୁ ଅବଗତ କରାଯାଇଛି ଯେ ଜିଲ୍ଲାପାଳଙ୍କ ଆଦେଶ ବିରୋଧରେ ଆବେଦନ ପୂର୍ବରୁ ଦାଖଲ କରାଯାଇସାରିଛି ଏବଂ ବିଚାରାଧୀନ ରହିଛି । ଏହି ପ୍ରସଙ୍ଗର ସମାଧାନ କରିବା ସରକାରଙ୍କ ଦାୟିତ୍ୱ ଅଟେ ।

ଏହା ବିବାଦୀୟ ନୁହେଁ ଯେ ନବୀକରଣ ମଞ୍ଜୁର ନିମନ୍ତେ ସମ୍ପତ୍ତିର ମାଲିକାନା କିମ୍ବା ଦଖଲ ମିଆଦ ଅଧୀନରେ ମାଲିକାନା ଏକ ପୂର୍ବ ଦୃଷ୍ଟାନ୍ତ ସର୍ତ୍ତ ଅଟେ । ସରକାର ଏହି ସମ୍ପତ୍ତିକୁ ନିଜ ସ୍ୱତ୍ୱ ବୋଲି ଘୋଷଣା କରିଥିଲେ ଏବଂ ଉତ୍ତରଦାତାମାନଙ୍କୁ ସେମାନଙ୍କ ସ୍ୱତ୍ୱ ସ୍ୱୀକାର କରିବାକୁ ଏବଂ ସେମାନଙ୍କଠାରୁ ଏକ ଲାଇସେନ୍ସ ଜାରି କରିବାକୁ ଆହ୍ୱାନ କରିଥିଲେ । ଅନ୍ୟପକ୍ଷରେ, ଉତ୍ତରଦାତାମାନେ ସମ୍ପତ୍ତିର ମାଲିକାନାକୁ ନେଇ ଦୃଢୋକ୍ତି ପ୍ରକାଶ କରିଥିଲେ ଏବଂ ଦାବି କରିଥିଲେ ଯେ ଜିଲ୍ଲାପାଳଙ୍କ ଦ୍ୱାରା ପାରିତ ଆଦେଶ ଅନୁଯାୟୀ ସେମାନଙ୍କର ଅଧିକାର ରହିଛି ଯାହା ଉକ୍ତ ଅପିଲର ବିଷୟବସ୍ତୁ ଅଟେ । ତେଣୁ, ଉଚ୍ଚ ନ୍ୟାୟାଳୟ ଯଥାର୍ଥ ଭାବରେ ସ୍ୱତ୍ୱର ପ୍ରଶ୍ନକୁ

ଯାଇନାହାନ୍ତି ଏବଂ ଅପିଲୀୟ ନ୍ୟାୟାଧିକରଣର ନିର୍ଣ୍ଣୟକୁ ଏବଂ ଏହାର ପରିବର୍ଦ୍ଧନ ପାଇଁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପକ୍ଷମାନଙ୍କ ଉପରେ ନ୍ୟସ୍ତ କରିଛନ୍ତି । ତେଣୁ, ମାମଲାର ତଥ୍ୟଗୁଡ଼ିକ ସମ୍ବନ୍ଧରେ ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଗ୍ରହଣ କରାଯାଇଥିବା ମତକୁ ନ୍ୟାୟସଙ୍ଗତ ନୁହେଁ ବୋଲି କୁହାଯାଇପାରିବ ନାହିଁ । ତଥାପି, ଉକ୍ତ ଆବେଦନର ସିଦ୍ଧାନ୍ତ ଉପରେ ଏହା ନିର୍ଭର କରିବ ଏବଂ ଏହାର ପରିବର୍ଦ୍ଧନରେ ଆବେଦନକାରୀମାନଙ୍କ କାର୍ଯ୍ୟ ପ୍ରକ୍ରିୟା ଅନ୍ତର୍ଭୁକ୍ତ ରହିବ । ସେପର୍ଯ୍ୟନ୍ତ, ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରା ଜାରି କରାଯାଇଥିବା ମଧ୍ୟବର୍ତ୍ତୀକାଳୀନ ଆଦେଶ ଜାରି ରହିବ । ଯଥାଶୀଘ୍ର ଆବେଦନର ସତ୍ୱର ନିଷ୍ପତ୍ତି ଗ୍ରହଣ କରିବାକୁ ଏବଂ ତଦନୁସାରେ ମାମଲାର ଫଏସଲା କରିବାକୁ ଆବେଦନକାରୀମାନଙ୍କ ପକ୍ଷେ ଏହା ଉପଲବ୍ଧ ରହିବ ।

ଏହି ଆବେଦନ ଖାରଜ ହୋଇଛି । କୌଣସି ଖର୍ଚ୍ଚ ନାହିଁ ।

ଜି. ଏନ୍.                                                  ଆବେଦନ ଖାରଜ କରାଗଲା ।

## ଅସ୍ୱୀକରଣ

"ଉପଭାଷା ରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

***ଭାଷାନ୍ତର:***

ସୁଶ୍ରୀ ସଙ୍ଗୀତା ଲେଙ୍କା,
ଅନୁବାଦିକା,
ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ